## ସଂକ୍ଷେପରେ

### ମହିଳାଙ୍କୁ ଅଶ୍ଳୀଳ ଇଙ୍ଗିତ କରି ଯୁବକ ଗିରଫ

**ବ୍ରହ୍ମପୁର ଅଫିସ୍,୨୪।୧୦:** ବ୍ରହ୍ମପୁର ଟାଉନ ଥାନା ଅଧୀନସ୍ଥ ଗାନ୍ଧୀନଗର ଛକରେ ଜଣେ ବିବାହିତ ମହିଳାଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ଅଭିଯୋଗରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ଜଗନ୍ନାଥପୁର ଅଞ୍ଚଳର ବସନ୍ତ ମହାରଣା। ପ୍ରକାଶଯେ, ଟାଉନ ଥାନାଞ୍ଚଳର ଜଣେ ବିବାହିତ ମହିଳା ଏକ ଲୁଗା ଦୋକାନରେ କାର୍ଯ୍ୟରତ ଥିବା ବେଳେ ମଙ୍ଗଳବାର ରାତିରେ କାମ ସାରି ଘରକୁ ଫେରୁଥିଲେ। ଗାନ୍ଧୀନଗର ଛକରେ ବସନ୍ତ କମେଣ୍ଟ୍ ପାସ୍ କରିବା ସହ ଅଶ୍ଳୀଳ ଇଙ୍ଗିତ କରିଥିଲେ। ଏନେଇ ମହିଳା ଜଣକ ଥାନାରେ ଏତଲା ଦେବା ପରେ ନଂ. ୨୦୫/୧୮ରେ ଏକ ମାମଲା ରୁଜୁ କରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ନୀହାର ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

### ଗୋଷାଣିନୂଆଗାଁ କାଳୁଆ ଯାତ୍ରା ଉଦ୍‌ଯାପିତ



**ବ୍ରହ୍ମପୁର ଅଫିସ,୨୪।୧୦:**ଗତ ମହାଳୟା ଅମାବାସ୍ୟା ରାତିରୁ ଆରମ୍ଭ ହୋଇଥିବା ସ୍ଥାନୀୟ ଗୋସାଣୀନୂଆଗାଁ କାଳୁଆ ଯାତ୍ରା କୁମାର ପୂର୍ଣ୍ଣିମା ରାତିରେ ଉଦ୍‌ଯାପିତ ହୋଇଛି। ବିପୁଳ ଜନ ସମାଗମ ମଧ୍ୟରେ ବଡ଼ସାହି ଅସ୍ଥାୟୀ ମଣ୍ଡପରୁ ନିଜ ମନ୍ଦିରକୁ ବାହୁଡ଼ିଛନ୍ତି ମା'। ଯାତ୍ରା ପାଇଁ ୧୭ ଦିନ ଧରି ଗୋସାଣୀନୂଆଗାଁ ଦୁଲୁକିଥିଲା ଏବଂ କାଳୁଆ ଠାକୁରାଣୀଙ୍କ ଦର୍ଶନ ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଗହଳି ହେଉଥିଲା। ଯାତ୍ରା ପରିଚାଳନା କମିଟି ପକ୍ଷରୁ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ପୂଜାର୍ଚ୍ଚନା ଲାଗି ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଆରମ୍ଭରୁ ପ୍ରତିଦିନ ସନ୍ଧ୍ୟାରେ ଗୋସାଣୀନୂଆଗାଁର ବିଭିନ୍ନ ସ୍ଥାନରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମା'ଙ୍କ ବାହୁଡ଼ାଣି ଯାତ୍ରା ନିମନ୍ତେ ୫୦ରୁ ଊର୍ଦ୍ଧ୍ୱ ସାହିରେ ରଙ୍ଗବେରଙ୍ଗର ଆଲୋକ ଝଲସି ଥିଲା।

କୁମାର ପୂର୍ଣ୍ଣିମା ରାତିରେ ଅସ୍ଥାୟୀ ମଣ୍ଡପରେ ପାରମ୍ପରିକ ପୂଜାର୍ଚ୍ଚନା କରାଯାଇଥିଲା। ବାଦ୍ୟବାଜଣା, ଘଣ୍ଟତାଳ, ପେଁକାଳି ଓ ନାଚଗୀତ ମଧ୍ୟରେ ମା'ଙ୍କ ମନ୍ଦିର ବାହୁଡ଼ା ଯାତ୍ରା ଆରମ୍ଭ ହୋଇଥିଲା। କାଳୁଆଙ୍କ ଅତିପ୍ରିୟ ଗଇଁଠା ଖିରି ଭୋଗ ଲଗାଯାଇଥିଲା। ରାତି ପାହିବା ପର୍ଯ୍ୟନ୍ତ କାଳୁଆଙ୍କ ଅଞ୍ଚଳ ପରିକ୍ରମା ସରିନଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ଲାଗି ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିଲା।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ ମତ୍ସ୍ୟ ନିର୍ଦ୍ଦେଶକଙ୍କ କ୍ଷୟକ୍ଷତି ଆକଳନ ସମୀକ୍ଷା

# ମତ୍ସ୍ୟଜୀବୀଙ୍କ ଅଧ କୋଟି ଟଙ୍କା କ୍ଷତି

**ବ୍ରହ୍ମପୁର ଅଫିସ,୨୪।୧୦**

ବାତ୍ୟା ତିତ୍‌ଲି ଏବଂ ପରବର୍ତ୍ତୀ ବନ୍ୟା ଯୋଗୁ ଗଞ୍ଜାମ ଜିଲାର ପ୍ରାୟତଃ ସମସ୍ତ ବୃତ୍ତିର ଲୋକମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ଏଥିରୁ ମତ୍ସ୍ୟଜୀବୀମାନେ ମଧ୍ୟ ବାଦ୍ ପଡ଼ିନାହାନ୍ତି। ଜିଲାର ବହୁ ସଂଖ୍ୟାରେ ମତ୍ସ୍ୟଜୀବୀ କ୍ଷତିଗ୍ରସ୍ତ ହୋଇଛନ୍ତି। କାହାର ଡଙ୍ଗା ଭାଙ୍ଗିଯାଇଛି ତ ଆଉ କାହାର ମାଛଧରା ଜାଲ ଚିରିଯାଇଛି। ମୁଣ୍ଡରେ ହାତଦେଇ ବସିଛନ୍ତି ମତ୍ସ୍ୟଜୀବୀ। ସମୁଦ୍ର ଭିତରକୁ ମାଛ ଧରିବାକୁ ଯାଇପାରୁ ନାହାନ୍ତି। କୂଳରେ ବସି ଭଙ୍ଗାଡଙ୍ଗାକୁ ଦେଖି ଦିନ କାଟୁଛନ୍ତି। ମାଛ ଧରୁ ନ ଥିବା ଯୋଗୁ ବ୍ୟବସାୟ ଠପ୍ ହୋଇଯାଇଛି। ପାଖରେ ଟଙ୍କା ନାହିଁ, ଚୁଲି ଜଳୁନି। ଏଭଳି ସ୍ଥଳରେ ମତ୍ସ୍ୟଜୀବୀଙ୍କୁ ତୁରନ୍ତ କ୍ଷତିପୂରଣ ଦେବା ପାଇଁ ମତ୍ସ୍ୟ ବିଭାଗ ତରଫରୁ ପଦକ୍ଷେପ ଆରମ୍ଭ ହୋଇଛି। ରାଜ୍ୟ ମତ୍ସ୍ୟ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ସେନାପତି ବୁଧବାର ଗଞ୍ଜାମ ଜିଲାରେ କ୍ଷୟକ୍ଷତି ଆକଳନର ସମୀକ୍ଷା କରିଛନ୍ତି। କ୍ଷତିପୂରଣ ପାଇଁ ପଦକ୍ଷେପ ନେଇଛନ୍ତି।

ବୁଧବାର ମତ୍ସ୍ୟ ନିର୍ଦ୍ଦେଶକ ସେନାପତି ଗଞ୍ଜାମରେ ପହଞ୍ଚିବା ପରେ ଦିଗପହଣ୍ଡି ଏବଂ ଜିଲାର ଅନ୍ୟ କେତେକ ଅଞ୍ଚଳ ପରିଦର୍ଶନ କରିଥିଲେ। ଏହା ପରେ ବ୍ରହ୍ମପୁର ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ସମୀକ୍ଷା କରିଥିଲେ। ଏଥିରେ ଉପ ନିର୍ଦ୍ଦେଶକ ଶିବ ପ୍ରସାଦ ଭୋଇ, ଜିଲା ମତ୍ସ୍ୟ ଅଧିକାରୀ ପ୍ରମୋଦ କୁମାର ରାଉତ,



ମତ୍ସ୍ୟ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ସମୀକ୍ଷା ବୈଠକ ଚାଲିଛି।

ଅତିରିକ୍ତ ମତ୍ସ୍ୟ ଅଧିକାରୀ(ଉପକୂଳ) ଜଳଧର ଖଟୁଆଙ୍କ ସମେତ ବିଭାଗର ବହୁ ଅଧିକାରୀ ଉପସ୍ଥିତ ଥିଲେ। ଏହି ବୈଠକରେ ବାତ୍ୟା ଏବଂ ବନ୍ୟାରେ ଜିଲାରେ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅଧିକାରୀମାନେ ରିପୋର୍ଟ ଉପସ୍ଥାପନ କରଥିଲେ। ପ୍ରାରମ୍ଭିକ ଆକଳନରେ ଜିଲାର ୧୪ ବ୍ଲକ ପ୍ରଭାବିତ ହୋଇଥିବା ନେଇ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯାଇଥିଲା। ସେଗୁଡ଼ିକ ହେଲା ଆସିକା, ସୋରଡ଼ା, ଧରାକୋଟ, ଶେରଗଡ଼, କବିସୂର୍ଯ୍ୟନଗର, ଭଞ୍ଜନଗର, ଗଞ୍ଜାମ, ଛତ୍ରପୁର, ଚିକିଟି, ପାତ୍ରପୁର, ଦିଗପହଣ୍ଡି, ପୁରୁଷୋତ୍ତମପୁର, ସାନଖେମୁଣ୍ଡି ଏବଂ ହିଞ୍ଜିଳି। ପରବର୍ତ୍ତୀ ସମୟରେ ଆଉ ଦୁଇଟି ବ୍ଲକ ଯଥା ରଙ୍ଗେଇଲୁଣ୍ଡା ଏବଂ ପୋଲସରାକୁ ଏଥିରେ ସାମିଲ୍ କରାଯାଇଛି। ବିଭାଗୀୟ ଅଧିକାରୀମାନେ କ୍ଷୟକ୍ଷତି ଆକଳନ କରିଛନ୍ତି। ୩୦ ଡଙ୍ଗା ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ୧୪୨ ଡଙ୍ଗା ଆଂଶିକ ନଷ୍ଟ ହୋଇଯାଇଛି। ସେହିଭଳି ୧୦୪ ମାଛଧରା ଜାଲ ସମ୍ପୂର୍ଣ୍ଣ ଏବଂ ୨୮୨ ଜାଲ ଆଂଶିକ ନଷ୍ଟ ହୋଇଯାଇଛି। ବନ୍ୟା ମାଡ଼ିଯିବା ଫଳରେ ୩୪୧ ମାଛ ଫାର୍ମ ପ୍ରଭାବିତ ହୋଇଛି। ଏଥି ସହ ଦିଗପହଣ୍ଡି ଏବଂ ଭଞ୍ଜନଗରରେ ଥିବା ଯାଆଁଳ ଉତ୍ପାଦନ କେନ୍ଦ୍ରରେ ମଧ୍ୟ କ୍ଷତି ପହଞ୍ଚିଛି। ମୋଟ ଭାବେ ଗଞ୍ଜାମ ଜିଲାରେ ୪୯ଲକ୍ଷ ୧୮ହଜାର ଟଙ୍କା କ୍ଷତି ହୋଇଥିବା ପ୍ରାରମ୍ଭିକ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି।

■ ୭୨ଡଙ୍ଗା, ୩୮୬ ଜାଲ,୩୪୧ ମାଛ ଫାର୍ମ ନଷ୍ଟ

■ ଅନ୍‌ଲାଇନ୍‌ରେ ଦିଆଯିବ କ୍ଷତିପୂରଣ ଟଙ୍କା

ଯେଉଁ ଡଙ୍ଗାଗୁଡ଼ିକ ସଂପୂର୍ଣ୍ଣ କ୍ଷତି ହୋଇଯାଇଛି, ମାଲିକଙ୍କୁ ୯ହଜାର୬ଶହ ଟଙ୍କା ଏବଂ ଆଂଶିକ କ୍ଷତି ହୋଇଥିବା ଡଙ୍ଗା ମାଲିକଙ୍କୁ ୪ହଜାର ଶହେ ଟଙ୍କାର କ୍ଷତିପୂରଣ ପ୍ରଦାନ କରାଯିବ। ସେହିଭଳି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଜାଲ ପାଇଁ ୨୬ଶହ ଟଙ୍କା ଏବଂ ଆଂଶିକ କ୍ଷତି ପାଇଁ ୨୧ଶହ ଟଙ୍କା ପ୍ରଦାନ କରାଯିବ। ମାଛଫାର୍ମପାଇଁମଧ୍ୟକ୍ଷତିପୂରଣଦିଆଯିବ। ହେକ୍ଟର ପିଛା ୧୨ହଜାର ୨ଶହ ଟଙ୍କା ଏବଂ ଯାଆଁଳ ହେକ୍ଟର ପିଛା ୮ହଜାର୨ଶହ ଟଙ୍କା ପ୍ରଦାନ କରାଯିବ।

ମତ୍ସ୍ୟ ନିର୍ଦ୍ଦେଶକ ସେନାପତି ସମୀକ୍ଷା ବୈଠକ ପରେ କହିଥିଲେ ଯେ, କ୍ଷତିପୂରଣ ଟଙ୍କା ଜିଲାପାଳଙ୍କ ପାଖକୁ ଆସି ସାରିଛି। କ୍ଷତିଗ୍ରସ୍ତ ମତ୍ସ୍ୟ ଚାଷୀଙ୍କ ତାଲିକା ପ୍ରଦାନ କରାଯାଇଛି। ତୁରନ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ପଦକ୍ଷେପ ନିଆଯାଉଛି। ଚାଷୀଙ୍କୁ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଟଙ୍କା ପଠାଯିବ। ତେବେ ବାତ୍ୟା ପୂର୍ବାନୁମାନ ଯୋଗୁ କ୍ଷତି କମ୍ ହୋଇଛି। ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ଯିବା ପାଇଁ ବାରଣ କରାଯାଇଥିଲା। ସେହିଭଳି ଅନ୍ୟାନ୍ୟ ପଦକ୍ଷେପ ନିଆଯାଇଥିବା ଯୋଗୁ କ୍ଷତି କମିଛି ବୋଲି ସେ ପ୍ରକାଶ କରିଛନ୍ତି।


## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ଣ୍ଣରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।




## ସେଲ୍‌ଫି କର୍ଣ୍ଣର



@ ଅରବିନ୍ଦ



@ ବିକାଶ



@ ମାମା

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

■ ସୋନୁ ହତ୍ୟା ମାମଲା

# ବାଳସୁଧାର ଗୃହକୁ ଗଲେ ୩ ନାବାଳକ

**ବ୍ରହ୍ମପୁର ଅଫିସ୍,୨୪।୧୦**

ବ୍ରହ୍ମପୁର ବଡବଜାର ଥାନା ଅଧୀନ ଧାନମେରା ସାହି ସୋନୁ ଘଡାଇ ହତ୍ୟା ମାମଲାରେ ପୋଲିସ ସମ୍ପୃକ୍ତ ୩ ନାବାଳକଙ୍କୁ ବୁଧବାର ଜୁଭେନାଇଲ୍ ଜଷ୍ଟିସ ବୋର୍ଡରେ ହାଜର କରିବା ପରେ ସେମାନଙ୍କୁ ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଛି। ସେମାନଙ୍କ ନିକଟରୁ ହତ୍ୟାରେ ବ୍ୟବହୃତ ସର୍ଜରୀ ବ୍ଲେଡ୍ ଏବଂ ପଥର ଆଦି ପୋଲିସ ଜବତ କରିଛି। ଅନୈତିକ ସମ୍ପର୍କ ଏବଂ ସାହିର ଝିଅଙ୍କୁ ହଇରାଣ ହରକତ କରିବା ଘଟଣାରେ ଅତିଷ୍ଠ ହୋଇ ୩ ନାବାଳକ ଏଭଳି ହତ୍ୟାକାଣ୍ଡ ରଚାଇଥିବା ଗୋଷାଣୀନୂଆଗାଁ ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଶାନ୍ତନୁ ଦାସ, ପ୍ରଭାତ ରାଉତରାୟ ଏବଂ ଆଇଆଇସି କୁଳମଣି ସେଠୀ ସୂଚନା ଦେଇଛନ୍ତି।

ମୃତ ସୋନୁଙ୍କ ମା ରୋହିଣୀଙ୍କ ଏତଲାକୁ ଭିତ୍ତିକରି ପୋଲିସ ନଂ. ୧୨୮/୧୮ରେ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ସୂଚନା ଦିଆଯାଇଛି। ପ୍ରକାଶଯେ, ସୋନୁଙ୍କ ସହ ବଡବଜାର ଥାନା ଅଧୀନ ଏକ ସାହିର ଜନୈକା ଯୁବତୀଙ୍କର ବହୁ ପୂର୍ବରୁ ସମ୍ପର୍କ ରହିଆସିଥିଲା। ଉକ୍ତ ଯୁବତୀ ଜଣକ ବିବାହ କରିବା ପରେ ମଧ୍ୟ ତାଙ୍କ ସ୍ୱାମୀଙ୍କ ଅନୁପସ୍ଥିତିରେ ସୋନୁ ବହୁବାର ତାଙ୍କ ଘରକୁ ଯିବାଆସିବା କରୁଥିଲେ।



ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଶାନ୍ତନୁ ଦାସ, ପ୍ରଭାତ ରାଉତରାୟ ଏବଂ ଆଇଆଇସି କୁଳମଣି ସେଠୀ

ଯାହାକୁ ନେଇ ଉକ୍ତ ଯୁବତୀଙ୍କ ଦିଅର ଏବଂ ସୋନୁଙ୍କ ମଧ୍ୟରେ ପଡୁ ନ ଥିଲା। ପ୍ରତିବାଦ କଲେ ମଧ୍ୟ ସୋନୁ ତାଙ୍କ ଭାଉଜଙ୍କ ସହିତ ସମ୍ପର୍କ ରଖି ଆସୁଥିଲେ। ସେହିପରି ସେହି ସାହିର ଅନ୍ୟ ଜଣେ ନାବାଳକଙ୍କ ଭଉଣୀଙ୍କୁ ଗତ କିଛି ଦିନ ପୂର୍ବେ ସୋନୁ ଟଣାଓଟରା କରିଥିଲେ। ଫଳରେ ଉଭୟ ଘଟଣାରେ ଅତିଷ୍ଠ ଦୁଇ ନାବାଳକ ତାଙ୍କର ଅନ୍ୟ ଜଣେ ନାବାଳକ ସହଯୋଗୀଙ୍କୁ ଡାକି ସୋନୁଙ୍କୁ ରାସ୍ତାରୁ ହଟାଇବା ପାଇଁ ଯୋଜନା କରିଥିଲେ। ଯୋଜନା ମୁତାବକ ଗତ ୧୬ ତାରିଖରେ ସାନବଜାର ସାହି ଛକରେ ସୋନୁଙ୍କୁ ଦୁଇ ନାବାଳକ ମଦ ପିଇବା ପାଇଁ ଡାକିଥିଲେ। ପରେ ସୋନୁଙ୍କୁ ଅତ୍ୟଧିକ ମଦ ପିଆଇ ନିଶାସକ୍ତ କରିଥିଲେ। ନିଶାସକ୍ତ ଅବସ୍ଥାରେ ସୋନୁ ତିନୋଟି ସ୍ଥାନରେ ଝଗଡା କରିଥିଲେ। ପରେ ଦୁଇ ନାବାଳକ ସୋନୁଙ୍କୁ ଏକ ପାସେଞ୍ଜର ଅଟୋରେ ନେଇ ହଳଦିଆଦର ଫ୍ଲାଏ ଓଭର ବ୍ରିଜ୍ ତଳକୁ ଯାଇଥିଲେ। ସେଠାରୁ ଅଟୋ ଚାଳକଙ୍କୁ ଫେରାଇ ଦେବା ପରେ ଅନ୍ୟଜଣେ ସହଯୋଗୀଙ୍କ ସହିତ ଫୋନ ମାଧ୍ୟମରେ ନିର୍ଦ୍ଦେଶ ମାଗିଥିଲେ। ନିର୍ଦ୍ଦେଶାନୁଯାୟୀ ଦୁଇ ନାବାଳକ ସୋନୁଙ୍କୁ ବ୍ରିଜ୍ ତଳେ ଥିବା ଏକ ବାଲିଗଦାକୁ ଆଣିଥିଲେ। ସେଠାରେ ଦୁଇଟି ବଡ ପଥର ନେଇ ତାଙ୍କ ମୁଣ୍ଡ ଉପରେ ପ୍ରହାର କରିଥିଲେ। ପରେ ଏକ ସର୍ଜରୀ ବ୍ଲେଡ୍‌ରେ ଗଳାକାଟି ଦେଇଥିଲେ। ପରେ ସୋନୁଙ୍କ ମୃତଦେହ ନିକଟସ୍ଥ ନାଳକୁ ଫୋପାଡି ଦେଇଥିଲେ ବୋଲି ତଦନ୍ତ ସମୟରେ ପୋଲିସ ସମ୍ମୁଖରେ ସମସ୍ତ ନାବାଳକ ପ୍ରକାଶ କରିଥିବା ପୋଲିସ କହିଛି।

### ୯ ଜୁଆଡ଼ି ଗିରଫ,୫ ମୋବାଇଲ୍ ଫୋନ ଜବତ

**ଫିରିଙ୍ଗିଆ,୨୪।୧୦:** କୁମାରପୂର୍ଣ୍ଣିମାରେ ଫିରିଙ୍ଗିଆ ପୋଲିସ କେଲାପଡ଼ା ପଞ୍ଚାୟତ ସୁଣ୍ଡିସାହିରେ ଚାଲିଥିବା ଏକ ଜୁଆଆଡ଼ାରେ ଚଢାଉ କରି ୯ ଜଣଙ୍କୁ ଗିରଫ କରିବା ସହିତ ସେମାନଙ୍କଠାରୁ ୧୬ ହଜାର ଟଙ୍କା ଜବତ କରିଛି। ଏଥି ସହିତ ୫ ମୋବାଇଲ୍ ଫୋନ ଜବତ କରାଯାଇଥିବା ଥାନା ଅଧିକାରୀ ଧୀରେନ୍ ବେହେରା ସୂଚନା ଦେଇଛନ୍ତି। ଏନେଇ ନଂ. ୮୫/୧୮ରେ ଏକ ମାମଲା ରୁଜୁ କରାଯାଇଛି। ଗିରଫମାନେ ହେଲେ କେଲାପଡ଼ା ଅଞ୍ଚଳର ଚୁକୁନା ଦିଗାଲ, ସଞ୍ଜୟ ଦିଗାଲ, ଜୟ ବେହେରା, ପ୍ରଭାତ କୁମାର ବେହେରା, ରମେଶ ବେହେରା, ସରଜିନ୍ ନାୟକ, ଚିତ୍ରସେନ ଦିଗାଲ,ଜିତୁ ପ୍ରଧାନ ଓ ଭୋଲେଶ୍ୱର ଭୁକ୍ତା ବୋଲି ପୋଲିସ ସୂଚନା ଦେଇଛି।



ଜହ୍ନିଓଷା ଉଦ୍‌ଯାପନ ଅବସରରେ ବ୍ରହ୍ମପୁର ଉପକଣ୍ଠ ନିମଖଣ୍ଡି ଗ୍ରାମର କୁମାରୀମାନଙ୍କ ଘଟ ଶୋଭାଯାତ୍ରା। ଫଟୋ-ସମୀର

### ରେଶମନଗରୀରେ କୁମାରପୂର୍ଣ୍ଣିମା, ଗଜଲକ୍ଷ୍ମୀପୂଜା



ବଡବଜାର ରଜାଗୁର୍ଜୀରେ ଗଜଲକ୍ଷ୍ମୀ ପୂଜା।

**ବ୍ରହ୍ମପୁର ଅଫିସ, ୨୪।୧୦:** ରେଶମ ସହର ବ୍ରହ୍ମପୁରରେ କୁମାରପୂର୍ଣ୍ଣିମା ପାଳିତ ହୋଇଯାଇଛି। ଏହି ଅବସରରେ ସହରର ବିଭିନ୍ନ ପୂଜା କମିଟି ପକ୍ଷରୁ ଧନଦାତ୍ରୀ ମା'ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ବଡବାଜର ରଜାଗୁର୍ଜି, ଗୋଷାଣୀନୂଆଗାଁ, ରାମନଗର ୭ମ ଲାଇନ ପୂଜା କମିଟି ପକ୍ଷରୁ ଏହି ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମ୍ପୃକ୍ତ ପୂଜା କମିଟି ପକ୍ଷରୁ ପୂଜା ମଣ୍ଡପରେ ବିଭିନ୍ନ ପ୍ରକାର ଆକର୍ଷଣୀୟ ସାଜସଜ୍ଜା କରାଯାଇଛି। ଗୋଷାଣୀନୂଆଗାଁରେ ଅନୁଷ୍ଠିତ ପୂଜା ଚଳିତ ବର୍ଷ ୨୬ ବର୍ଷରେ ପଦାର୍ପଣ କରିଥିବା ବେଳେ ରାମନଗର ୭ମ ଲାଇନ ପୂଜା କମିଟି ପକ୍ଷରୁ ୬ଷ୍ଠ ତମ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଛି। ଅପରପକ୍ଷରେ କୁମାରପୂର୍ଣ୍ଣିମା ଅବସରରେ ସହରର ବିଭିନ୍ନ ସାହି ଉତ୍ସବ ମୁଖର ହୋଇ ଉଠିଥିଲା। କୁମାରୀମାନେ ନିଜ ପସନ୍ଦର ଜୀବନସାଥୀ ପାଇବା ପାଇଁ ଏକମାସ ଧରି କରି ଆସୁଥିବା ପାରମ୍ପରିକ ଜହ୍ନି ଓଷାକୁ ଉଦ୍‌ଯାପନ କରିବା ସହ ଶେଷଦିନରେ ଚାନ୍ଦ ପୂଜା କରିଥିଲେ। ଯୁବତୀମାନେ ଦିନରେ ଚଉରା ମୂଳେ ପାରମ୍ପରିକ ରୀତିରେ ପୂଜା କରିବା ସହ ସନ୍ଧ୍ୟାରେ ସମବେତ ହୋଇ ଚଉରାପୂଜା ଓ ଚାନ୍ଦପୂଜା କରିଥିଲେ।

■ ବ୍ରହ୍ମପୁରରୁ ଭାୟା ଚିକିଟି-ତୁମ୍ବା ଦେଇ ପାରଳାଖେମୁଣ୍ଡି

# ଓଡ଼ିଶା ଅଞ୍ଚଳ ରୋଡରେ ଚଳାଚଳ ହେଉନି ବସ୍

**ବ୍ରହ୍ମପୁର ଅଫିସ,୨୪।୧୦**

ଗଞ୍ଜାମ ଜିଲା ବ୍ରହ୍ମପୁରରୁ କେବଳ ଓଡ଼ିଶା ଅଞ୍ଚଳ ଦେଇ ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ପର୍ଯ୍ୟନ୍ତ ନିର୍ମାଣ ହୋଇଛି ସ୍ୱତନ୍ତ୍ର ସଡ଼କ। ଆଦିବାସୀ ଅଧ୍ୟୁଷିତ ଗଞ୍ଜାମର ତୁମ୍ବାରୁ ଗଜପତି ଜିଲାର କଇଁପୁର ୨୬ କି.ମି. ସଡ଼କ ଅଣ ଓସାରିଆ ଯୋଗୁ ଛୋଟ ଗାଡ଼ି ତଥା କାର ଯିବା ଆସିବା କରୁଥିଲେ ମଧ୍ୟ ଚଳାଚଳ ହୋଇପାରୁନି ଭାରିଯାନ ଏବଂ ଯାତ୍ରୀବାହୀ ବସ। ସୂଚନାଯୋଗ୍ୟ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପୂର୍ବରୁ ଅବିଭକ୍ତ ଗଞ୍ଜାମ (ଗଜପତି ସହ) ଜିଲା ମାଡ୍ରାସ ପ୍ରେସିଡେନ୍‌ସି ଅଧୀନ ଥିଲା। ପାରଳାଖେମୁଣ୍ଡି ଯାତାୟାତ ନିମନ୍ତେ ଆନ୍ଧ୍ରପ୍ରଦେଶର ଇଚ୍ଛାପୁରମ ଓ ପଲାସା ଦେଇ ଯିବାକୁ ପଡୁଥିଲା। ଦୂରତା ୧୫୦ କି.ମି.ରୁ ଅଧିକ। ସେହିପରି ବ୍ରହ୍ମପୁରରୁ ପାତ୍ରପୁର, ସାମନ୍ତିଆପଲ୍ଲୀ ଓ ଜରଡ଼ା ଯିବା ପାଇଁ ଭାୟା ଇଚ୍ଛାପୁରମ ଥିଲା। ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ରାଜ୍ୟସଭା ଏମ୍‌ପି ଓ ଚିକିଟି ବିଧାୟକ ସ୍ୱର୍ଗତ ଦିବାକର ପଟ୍ଟନାୟକଙ୍କ ଉଦ୍ୟମରେ ବ୍ରହ୍ମପୁରରୁ ଚିକିଟି ଯିବା ଲାଗି ମହୁଡ଼ା, କଙ୍କିଆଟାମଣା ଦେଇ ରାସ୍ତା ନିର୍ମାଣ ହୋଇଥିଲେ ମଧ୍ୟ ଚିକିଟିରୁ ପାତ୍ରପୁର ଓ ସାମନ୍ତିଆପଲ୍ଲୀ ଯିବାକୁ ମଝିରେ ଥିବା ବଗି ନଦୀ ସମସ୍ୟା ସୃଷ୍ଟି କରିଥିଲା।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ହେବା ପରେ ୧୯୮୩-୮୪ ରେ ବ୍ରହ୍ମପୁରରୁ ଭାୟା ଦିଗପହଣ୍ଡି, ତପ୍ତପାଣି, ମୋହନା, ଆର.ଉଦୟଗିରି କେବଳ ଓଡ଼ିଶା ଅଞ୍ଚଳ ଦେଇ ପାରଳାଖେମୁଣ୍ଡି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଗଲା। ତେବେ ଏହାର ଦୂରତା ୧୭୬ କି.ମି. ଯୋଗୁ ଯାନବାହନ ଚଳାଚଳରେ ବିଳମ୍ବ ଏବଂ ବସ୍ ଯାତ୍ରୀଙ୍କୁ ଅଧିକ ଖର୍ଚ୍ଚ କରିବାକୁ ପଡୁଛି। ପୂର୍ତ୍ତ ବିଭାଗର ସେହି ସଡ଼କ କାର୍ଯ୍ୟକ୍ଷମ ଅଛି। କମ ଦୂରତାରେ ବିକଳ୍ପ ରାସ୍ତା ନିର୍ମାଣ ପାଇଁ ଚିନ୍ତା କରାଗଲା। ତେଣୁ ବ୍ରହ୍ମପୁରରୁ ଭାୟା ଚିକିଟି, କେଲୁଆ, ତୁମ୍ବା, କଇଁପୁର ଓ ଜିରାଙ୍ଗ ଦେଇ ପାରଳାଖେମୁଣ୍ଡି ପର୍ଯ୍ୟନ୍ତ ନୂଆ ସଡ଼କ ନିର୍ମାଣ ଲାଗି ପଦକ୍ଷେପ ନିଆଗଲା। ତେବେ ରାଜସ୍ୱ, ଜଙ୍ଗଲ, ପଞ୍ଚାୟତିରାଜ ଓ ଆଦିବାସୀ ଉନ୍ନୟନ ସଂସ୍ଥାର ଜମି ଅଧିଗ୍ରହଣ ଜରୁରୀ ହୋଇଥିଲା। ସମସ୍ତ ବିଭାଗ ସହିତ ସମନ୍ୱୟ ରକ୍ଷାରେ ଅହେତୁକ ବିଳମ୍ବ ଘଟିଥିଲା। ସଡ଼କ ନିର୍ମାଣ କାର୍ଯ୍ୟ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କରାଗଲା। ଏହାର ଦୂରତା ୧୩୬ କି.ମି.। ଅତୀତରେ ତୁମ୍ବାମାଳ, କଇଁପୁର ଓ ମହେନ୍ଦ୍ରଗିରି ପର୍ବତ ପାଦ ଦେଶ ନକ୍ସଲମାନଙ୍କ ଆଡ୍ଡାସ୍ଥଳୀ ହୋଇଥିଲା। ତେଣୁ କଇଁପୁରରୁ ତୁମ୍ବା ୨୬ କି.ମି.ସଡ଼କ ନିର୍ମାଣ କାର୍ଯ୍ୟ ବହୁ ବିଳମ୍ବ ହେଲା। ନିର୍ମାଣ ଦାୟିତ୍ୱ ଗ୍ରାମ୍ୟ ଉନ୍ନୟନ (ଆରଡି) ବିଭାଗକୁ ନ୍ୟସ୍ତ କରାଯାଇଥିଲା। ସେହି ବିଭାଗ ୨୬ କି.ମି. ରାସ୍ତା ଅଣ ଓସାରିଆ କରି ଦେଇଛି। ଫଳରେ ଯାତ୍ରୀବାହୀ ବସ୍ ଚଳାଚଳ ହୋଇପାରୁ ନ ଥିବାରୁ ସେହି ସଡ଼କ ବେକାର ହୋଇଯାଇଛି।

ମହେନ୍ଦ୍ରଗିରି ପର୍ବତ ଏକ ଐତିହାସିକ ସ୍ଥାନ ହୋଇଥିବାରୁ ପର୍ଯ୍ୟଟକଙ୍କ ଭିଡ଼ ହେଉଛି, ମହାଶିବରାତ୍ରିରେ ଲକ୍ଷ ଲକ୍ଷ ଭକ୍ତ ସେଠାକୁ ଯାଉଛନ୍ତି। ତେଣୁ ଅଣ ଓସାରିଆ ରୋଡ, ଓସାରିଆ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି। ଅନ୍ୟପକ୍ଷରେ ଚିକିଟିର ପୂର୍ବତନ ବିଧାୟକ ତଥା ବିଧାନସଭା ପୂର୍ବତନ ବାଚସ୍ପତି ଚିନ୍ତାମଣି ଦ୍ୟାନସାମନ୍ତରାଙ୍କ ଉଦ୍ୟମରେ ବଗି ନଦୀରେ ଦୁଇଟି ସେତୁ ନିର୍ମାଣ ହୋଇଥିବାରୁ ବ୍ରହ୍ମପୁରରୁ ଭାୟା ଚିକିଟି ଦେଇ ସାମନ୍ତିଆପଲ୍ଲୀ, ପାତ୍ରପୁରକୁ ସୁବିଧାରେ ଯାନବାହନ ଚଳାଚଳ ହେଉଛି। ତୁମ୍ବାରୁ କଇଁପୁର ଓ ବୁରଖତ ପାସ ରାସ୍ତା ଓସାରିଆ କରାଗଲେ ବ୍ରହ୍ମପୁର-ପାରଳାଖେମୁଣ୍ଡି ଓଡ଼ିଶା ଅଞ୍ଚଳ ସଡ଼କ ନିର୍ମାଣ ପୂର୍ଣ୍ଣାଙ୍ଗ ହେବ ଏବଂ ସମସ୍ତ ଯାନବାହନ ସୁବିଧାରେ ଯିବା ଆସିବା କରିବ। ଏହି ସଡ଼କଟି ଅଧିକାଂଶ ମାଳ ଅଞ୍ଚଳରେ ଥିବାରୁ ଆଦିବାସୀମାନେ ଉପକୃତ ହୋଇପାରିବେ। ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ରାମଚନ୍ଦ୍ର ପଣ୍ଡା ଘନଘନ ଗଜପତି ଜିଲା ଗସ୍ତ କରୁଛନ୍ତି। ଏହି ରୋଡ ପୂର୍ତ୍ତ ବିଭାଗ ଅଧୀନକୁ ନିଆଯାଇ ପୂର୍ଣ୍ଣାଙ୍ଗ କରାଯିବାର ଆଲୋଚନା ପ୍ରସଙ୍ଗରେ ସେ ସୂଚାଇଛନ୍ତି।

■ ସମସ୍ୟା ସୃଷ୍ଟି କରିଛି ୨୬ କି.ମି.ଅଣ ଓସାରିଆ ସଡ଼କ

■ ସମାଧାନ ପାଇଁ ବିଭିନ୍ନ ମହଲରୁ ଦାବି

## ସଂକ୍ଷେପରେ

### ବାପ-ପୁଅଙ୍କୁ ଆକ୍ରମଣ ମାମଲା, ଅଭିଯୁକ୍ତ ଗିରଫ

ଦିଗପହଣ୍ଡି,୨୪।୧୦(ଡି.ଏନ.ଏ.)- ଦିଗପହଣ୍ଡି ବଜାର ସାହିର ପାଟା ପ୍ରହଲ୍ଲାଦଙ୍କୁ ବୁଧବାର ପୋଲିସ ଗିରଫ କରିଛି। ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ପ୍ରହଲ୍ଲାଦ ଚନ୍ଦ୍ରଚୁଡ଼ ସାହିର ପି. ଘନଶ୍ୟାମ ଓ ତାଙ୍କ ପୁଅଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ପି. ଘନଶ୍ୟାମଙ୍କ ଏତଲାକ୍ରମେ ଥାନା ମାମଲା ନଂ.୧୯୨/୧୮ରେ ଅଭିଯୁକ୍ତଙ୍କ ବିରୋଧରେ ମୋକଦ୍ଦମା ରୁଜୁ କରାଯାଇଥିବା ଆଇଆଇସି ଦେବାଶିଷ ମହାନ୍ତି କହିଛନ୍ତି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି।

### ଜି.ଉଦୟଗିରିରେ ଗଜଲକ୍ଷ୍ମୀ ପୂଜା ଆରମ୍ଭ

ଜି.ଉଦୟଗିରି,୨୪।୧୦(ଡି.ଏନ.ଏ.)- ଜି.ଉଦୟଗିରି ସହରର ବିଭିନ୍ନ ପୂଜା ମଣ୍ଡପରେ ବୁଧବାର ସନ୍ଧ୍ୟାରେ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଯାଇଛି। ଲକ୍ଷ୍ମୀ ମନ୍ଦିରରୁ ମା'ଙ୍କୁ ବରଣ କରି ଅଣାଯିବା ପରେ ଲକ୍ଷ୍ମୀପୂଜା ଆରମ୍ଭ ହୋଇଥିଲା। ବରାଳିନୀ ବଜାର ଗଜଲକ୍ଷ୍ମୀ ପୂଜା କମିଟି, ଲକ୍ଷ୍ମୀ ବଜାର ପୂଜା କମିଟି, ପଦା ସାହି ପୂଜା କମିଟି ପକ୍ଷରୁ ଗଜଲକ୍ଷ୍ମୀ ପୂଜା କରାଯାଇଥିଲା। ବରାଳିନୀ ପୂଜା କମିଟି ସଦସ୍ୟ ପୂଜା ମଣ୍ଡପ ନିକଟରେ ବିଭିନ୍ନ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି କହିଥିଲେ।

### ଜୁଆ ଆଡ୍ଡାରେ ଚଢ଼ାଉ, ୧୬ ଗିରଫ ୫୬ ହଜାର ୩ ଶହ ଟଙ୍କା ଜବତ

ଚିକିଟି,୨୪।୧୦(ଡି.ଏନ.ଏ.)-ବ୍ରହ୍ମପୁର ପୋଲିସ୍ ଜିଲା କେ.ନୂଆଗାଁ ଥାନା ଇଲାକାରେ ଚଢ଼ାଉ ଜୋରଦାର କରିଛି। ସୋମବାର ରାତି ୧୦ରେ କରବାଲୁଆ ଗ୍ରାମରେ ଚାଲିଥିବା ଜୁଆଆଡ୍ଡାରେ ଚଢାଉ କରି ୫ଜଣଙ୍କୁ ଗିରଫ ସହ ୧୦ ହଜାର ୭ ଶହ ଟଙ୍କା ଜବତ କରିଛି। ଚିକିଟି ପେଣ୍ଠସ୍ଥିତ ତେଲି ସାହିର ଜୁଆଆଡ୍ଡାରୁ ୭ଜଣଙ୍କୁ ଗିରଫ କରି ସେଠାରୁ ୨୧ ହଜାର ୬ ଶହ ଟଙ୍କା ଜବତ କରାଯାଇଛି। ଭୋଲାସିଙ୍ଗି ଗ୍ରାମରେ ୪ଜଣଙ୍କୁ ଗିରଫ କରି ୨୪ ହଜାର ଟଙ୍କା ଜବତ ହୋଇଛି। ସେହିଭଳି ୩ଟି ସ୍ଥାନରେ ଜୁଆଆଡ୍ଡାରେ ଚଢାଉ କରି ୧୬ ଜଣଙ୍କୁ ଗିରଫ କରିବା ସହ ୫୬ ହଜାର ୩ ଶହ ଟଙ୍କା ଜବତ କରି ପାତ୍ରପୁର କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂତ୍ରରୁ ଜଣାପଡିଛି।

### ଦୀର୍ଘବର୍ଷ ହେଲା ଏମ୍‌ଜିଏନ୍‌ଆର୍ ଇଜିଏସ୍‌ରେ ମିଳିନି ପ୍ରାପ୍ୟ

ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ,୨୪।୧୦ (ଡି.ଏନ.ଏ)- ଦାରିଙ୍ଗବାଡ଼ି ବ୍ଲକ ଝିଞ୍ଜିରିଗୁଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗାଁ ସାଥୀମାନଙ୍କ ବୈଠକ ଆଞ୍ଚଳିକ ଗାଁ ସାଥୀ ସଂଘର ସଭାପତି ଅଜୟ ମଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମଜିଏନଆରଇଜିଏସ୍ ଯୋଜନାରେ ଦିର୍ଘ ବର୍ଷ ଧରି କାର୍ଯ୍ୟ କରିଆସୁଥିବା ଗାଁ ସାଥୀଙ୍କୁ ପ୍ରଶାସନ ପ୍ରାପ୍ୟ ଦେବାରେ ଅବହେଳା କରିଥିବା ପ୍ରସଙ୍ଗ ଉଠିଥିଲା। ଗାଁ ସାଥୀମାନେ ପ୍ରଶାସନର କାର୍ଯ୍ୟକୁ ନେଇ ଅସନ୍ତୋଷ ହେବା ସହ ଆଗାମୀ ଦିନରେ ତାଙ୍କ ପ୍ରାପ୍ୟ ନମିଳିଲେ ରାଜରାସ୍ତାକୁ ଓହ୍ଲାଇବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ନିଜ ଅଞ୍ଚଳର କିଭଳି ବିକାଶ ହେବ ସେନେଇ ଆଲୋଚନା କରିଥିଲେ। ବ୍ଲକର ୨୫ ପଞ୍ଚାୟତ ମଧ୍ୟରୁ ବ୍ରାହ୍ମଣୀଗାଁ ଥାନା ଅଞ୍ଚଳର ବ୍ରାହ୍ମଣୀଗାଁ ସମେତ କାଟିଙ୍ଗିଆ, ହାତିମୁଣ୍ଡା, ଝିଞ୍ଜିରିଗୁଡ଼ା, କୁମ୍ଭାରିଗାଁ, ଗଦାପୁର, ତାଜୁଙ୍ଗିଆ,ସରାମୁଳି ପଞ୍ଚାୟତରେ କାର୍ଯ୍ୟରତ ୮୭ ଜଣ ଗାଁ ସାଥୀ ଯୋଗଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ସାଧାରଣ ସମ୍ପାଦକ ଧର୍ମେନ୍ଦ୍ର ପ୍ରଧାନ,ସହ ସମ୍ପାଦକ ପ୍ରଭାକର ଉଠାଣ ସିଂ, ଉପସଭାପତି ଲାଉରିଆନ ଉଠାଣ ସିଂ, କୋଷାଧକ୍ଷ ଆଶିଷ ମଲ୍ଲିକ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

# ରିଲିଫ ତାଲିକା, ରାଶନକାର୍ଡକୁ ନେଇ ପଞ୍ଚାୟତ ଅଫିସ୍ ଘେରାଉ

ଆସିକା,୨୪।୧୦(ଡି.ଏନ୍.ଏ.)

ଆସିକା ବ୍ଲକ ବାଙ୍ଗରଡା ପଞ୍ଚାୟତରେ ତିତ୍‌ଲି ଜନିତ ବାତ୍ୟା ବନ୍ୟାରେ ଦିଆଯାଉଥିବା ୧୫ଦିନିଆ ରିଲିଫ୍ ତାଲିକା ପ୍ରସ୍ତୁତି ଓ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନକାର୍ଡରେ ଅନିୟମିତତା ଅଭିଯୋଗରେ ବୁଧବାର ସମ୍ପୃକ୍ତ ପଞ୍ଚାୟତର ବିଭିନ୍ନ ଜନସାଧାରଣ ପଞ୍ଚାୟତ ଅଫିସ ଘେରାଉ କରିଥିଲେ। ଏପରିକି ଉତ୍ୟକ୍ତ ପଞ୍ଚାୟତବାସୀ ସରପଞ୍ଚଙ୍କୁ ମଧ୍ୟ ଠେଲାପେଲା କରିଥିବା ଜଣାଯାଇଛି। ଖବର ପାଇ ଗାଙ୍ଗପୁର ପୋଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୀର୍ଘ ସମୟ ଧରି ଏହି ଘେରାଉ ଚାଲୁ ରହିବା ପରେ ସରପଞ୍ଚଙ୍କ ପକ୍ଷରୁ ଜଣେ ପ୍ରତିନିଧି ଏ ସମସ୍ତ ବିଷୟ ଉପରେ ଗୁରୁତ୍ୱ ଦିଆଯାଇ ପରବର୍ତ୍ତୀ ପଦକ୍ଷେପର ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ବାଙ୍ଗରଡା ପଞ୍ଚାୟତ ଖୁକୁଣ୍ଡିଆ, ପଣସପଲ୍ଲୀ, ଆମ୍ବପୁଆ, ବାଙ୍ଗରଡା ଓ ନାହାଡା ଗ୍ରାମର ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଏହି ଘେରାଉରେ ସାମିଲ୍ ହୋଇଥିଲେ। ସରପଞ୍ଚ ଉଦ୍ଦେଶ୍ୟମୂଳକ ଭାବେ ସେମାନଙ୍କ ନାମକୁ ଏହି ତାଲିକାରୁ ବାଦ ଦେଇଥିବା ଅଭିଯୋଗ କରାଯାଇଥିଲା। ତେବେ ଏ ସମ୍ପର୍କରେ ସରପଞ୍ଚ ରମେଶ ଚନ୍ଦ୍ର ବଢେଇଙ୍କୁ ପଚାରିବାରେ ଏହି ତାଲିକା ପ୍ରସ୍ତୁତିରେ ନିୟୋଜିତ ରହିଥିବା କର୍ମଚାରୀମାନେ କ'ଣ କରିଛନ୍ତି ସେ ଜାଣିନାହାନ୍ତି ବୋଲି ପ୍ରକାଶ କରିଛନ୍ତି।


ରିଲିଫ ଯୋଗାଣ ଅବ୍ୟବସ୍ଥା ପ୍ରତିବାଦରେ ପଞ୍ଚାୟତ ଅଫିସ୍ ଘେରାଉ।

# ବୃଦ୍ଧଙ୍କୁ ହତ୍ୟା,୩ ଅଟକ

ସୋରଡ଼ା,୨୪।୧୦(ଡି.ଏନ୍.ଏ.)

ବଡ଼ଗଡ଼ ଥାନା ମେରୀକୋଟ ନିକଟ ବାଣପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ବୃଦ୍ଧଙ୍କୁ ହତ୍ୟା କରାଯାଇଛି। ସେ ହେଲେ ନିତ୍ୟାନନ୍ଦ ନାୟକ (୭୦)। ପରିବାରର ଏତଲା କ୍ରମେ ନଂ.୨୮୨/୧୮ରେ ମାମଲା ରୁଜୁ କରି ୩ ଜଣଙ୍କୁ ଅଟକ ରଖାଯାଇଥିବା ବଡ଼ଗଡ଼ ଆଇଆଇସି ଜୀବନାନନ୍ଦ ଜେନା ସୂଚନା ଦେଇଛନ୍ତି। ପ୍ରକାଶ ଯେ, ନିତ୍ୟାନନ୍ଦ ଗ୍ରାମ ନିକଟ କାଜୁ ବଗିଚାକୁ ବୁଲିବାକୁ ଯାଇ ସନ୍ଧ୍ୟାରେ ଘରକୁ ଫେରୁଥିଲେ। ପୂର୍ବରୁ ପ୍ରସ୍ତୁତ ହୋଇଥିବା କେତେକ ଯୁବକ ଧାରୁଆ ଅସ୍ତ୍ରରେ ତାଙ୍କୁ ଆକ୍ରମଣ କରି ହତ୍ୟା କରିଥିଲେ। ନିତ୍ୟାନନ୍ଦ ରାତିରେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି କାଜୁ ବଗିଚା ନିକଟରୁ ରକ୍ତଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ପାଇଥିଲେ। ଖବର ପାଇ ପୋଲିସ ସକାଳୁ ଗ୍ରାମରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ■ବିରିପୁରରେ ବଟି ଆଦାୟ ପ୍ରସଙ୍ଗ

# ଜେଲ ଗଲେ ବଳିଆ

ଗଞ୍ଜାମ,୨୪।୧୦(ଡି.ଏନ.ଏ.)

ଗଞ୍ଜାମ ଥାନା କରପଡ଼ା ପଞ୍ଚାୟତ ବିରିପୁର ଗ୍ରାମରେ ୩ଦିନ ଧରି ଆତଙ୍କ ଚଳାଇଥିବା ଜଣେ ଅସାମାଜିକ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଉକ୍ତ ଗ୍ରାମର ବଳିଆ ଓରଫ୍ ବଳରାମ ଦାସ (୪୦)। ରବିବାର ବଳିଆ ଗ୍ରାମରେ ଦାଦାବଟି ସାଙ୍ଗକୁ ଲୋକମାନଙ୍କୁ ବିଭିନ୍ନ ପ୍ରକାର ଧମକ ଦେଇ ଭୟଭୀତ କରିଥିଲେ। ଏହାକୁ ପ୍ରତିବାଦ କରି ବହୁ ଗ୍ରାମବାସୀ ସୋମବାର ରାସ୍ତାରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିବା ସହ ମଙ୍ଗଳବାର ଗଞ୍ଜାମ ଏସଡିପିଓ ବ୍ରିଜେଶ କୁମାର ରଏଙ୍କୁ ଭେଟି ଗିରଫ ଦାବି କରିଥିଲେ। ଏନେଇ ନଂ. ୮୨/୧୮ରେ ମାମଲା ରୁଜୁ କରି ବୁଧବାର ବଳିଆଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ଅନିଲ କୁମାର ମାହାନ୍ତି ସୂଚନା ଦେଇଛନ୍ତି।

# ଦିଗପହଣ୍ଡି ଠାକୁରାଣୀ ଯାତ୍ରା ଉଦ୍‌ଯାପିତ: ୨୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ



ଦିଗପହଣ୍ଡି,୨୪।୧୦(ଡି.ଏନ.ଏ.)

ବଡ଼ଖେମୁଣ୍ଡି ତଥା ଦିଗପହଣ୍ଡି ସହରରେ ୧୬ ତାରିଖରୁ ୮ ଦିନ ବ୍ୟାପି ଚାଲିଥିବା ମା' ବୁଢ଼ୀ ଠାକୁରାଣୀଙ୍କ ଶାରଦୀୟ ଯାତ୍ରା ମହୋତ୍ସବ ବୁଧବାର ଭୋର୍‌ରୁ ଉଦ୍‌ଯାପିତ ହୋଇଯାଇଛି। ଭୋର ପ୍ରାୟ ୩ଟାରେ ଅସ୍ଥାୟୀ ଯାତ୍ରାପୀଠରେ ମୁଖ୍ୟ ପୁରୋହିତ ସନାତନ ରଥ ଷୋଡ଼ଶ ଉପଚାରରେ ମା'ଙ୍କୁ ପୂଜାର୍ଚ୍ଚନା କରିଥିଲେ। ଆଜ୍ଞାମାଳ ମସ୍ତକରୁ ଖସିବା ପରେ ପାର୍ଶ୍ୱ ଘଟଧାରୀ ମହିଳାମାନେ ମା'ଙ୍କ ଅନୁମତି ନେଇ ମୂଳ ମନ୍ଦିରକୁ ବାହୁଡ଼ିବା ଲାଗି ଘଟ ଉଠାଇଥିଲେ। ମୁଖ୍ୟ ଘଟକୁ ସମ୍ମୁଖ ଭାଗରେ ରଖାଯିବା ପରେ ମା'ଙ୍କ ବିଦାୟ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ୧୯୯୫ରେ ଦିଗପହଣ୍ଡି ସମେତ ଜିଲାର ଗ୍ରାମାଞ୍ଚଳ ଗୁଡ଼ିକରେ ମହାମାରି ବ୍ୟାପିବାରୁ ଶହ ଶହ ଲୋକ ମୃତ୍ୟୁବରଣ କରିଥିଲେ। ମା' ବୁଢ଼ୀ ଠାକୁରାଣୀଙ୍କ କୋପରୁ ଏହା ଘଟିଥିବା ଲୋକେ ପ୍ରକାଶ କରିଥିଲେ। ମା'ଙ୍କୁ ଶାନ୍ତ କରିବା ପାଇଁ ପୂଜାର୍ଚ୍ଚନା କରାଯାଇଥିଲା। ତତ୍‌କାଳୀନ ମୁଖିଆ ଓ ସହରର ରୟତ (ଚାଷୀ) ମାନଙ୍କ ସହାୟତାରେ ଏହି ଯାତ୍ରା ଆରମ୍ଭ ହୋଇଥିବା ଗବେଷକ ତଥା ଅଧ୍ୟାପକ ସତ୍ୟ ସରଣ ପାଠୀ କହିଛନ୍ତି। ଦିଗପହଣ୍ଡି ବିଧାୟକ ତଥା ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ମଙ୍ଗଳବାର ଦିଗପହଣ୍ଡିରେ ପହଞ୍ଚି ମା' ବୁଢ଼ୀ ଠାକୁରାଣୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ପରେ ଯାତ୍ରା କମିଟିପକ୍ଷରୁ ଆୟୋଜିତ ପୌରାଣିକ ନାଟକ ଉଦ୍‌ଘାଟନ ଉତ୍ସବରେ ମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ ଏନଏସି ଅଧ୍ୟକ୍ଷା ସୁନୀତା ସେଠୀଙ୍କ ସମେତ ଯାତ୍ରା କମିଟି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ୧୫ ଜୁଆଡି ଗିରଫ, ମୋବାଇଲ୍ ଓ ଟଙ୍କା ଜବତ

ଆସିକା,୨୪।୧୦(ଡି.ଏନ୍.ଏ.)

ଆସିକା ଥାନା ଅଞ୍ଚଳର ବିଭିନ୍ନ ଗ୍ରାମାଞ୍ଚଳରେ ଚାଲିଥିବା ଜୁଆ ଆଡ୍ଡା ଉପରେ ପୋଲିସ ମଙ୍ଗଳବାର ବିଳମ୍ବିତ ରାତିରେ ଚଢାଉ କରିଥିଲା। ବାଲିସିରାଠାରେ ଚାଲିଥିବା ଏକ ଜୁଆ ଆଡାରୁ ୧୦ଜଣଙ୍କୁ ଗିରଫ କରିବା ସହ ୧୩ହଜାର ୮ଶହ ଟଙ୍କା ଓ ୬ଟି ମୋବାଇଲ୍ ଜବତ କରାଯାଇଛି। ଘଟଣା ସମ୍ପର୍କରେ ଆସିକା ଥାନାରେ ନଂ.୩୩୧/୧୮ରେ ଏକ ମାମଲା ରୁଜୁ କରାଯାଇଛି। ସେହିଭଳି ଏହି ଥାନା ଅନ୍ତର୍ଗତ ଘଟକୁରୀ ଗ୍ରାମରେ ମଧ୍ୟ ଚାଲିଥିବା ଏକ ଜୁଆ ଆଡାରୁ ୫ଜଣଙ୍କୁ ଗିରଫ କରାଯାଇ ୨୦ହଜାର ୮ଶହ ଟଙ୍କା ଜବତ କରାଯାଇଛି। ଘଟଣା ସମ୍ପର୍କରେ ନଂ.୩୩୨/୧୮ରେ ଏକ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ସନ୍ତୋଷ କୁମାର ଜେନା ସୂଚନା ଦେଇଛନ୍ତି।

# ୨୧ ଜୁଆଡ଼ି ଗିରଫ: ୪୫,୩୦୦ ଟଙ୍କା ଜବତ

ଦିଗପହଣ୍ଡି,୨୪।୧୦(ଡି.ଏନ.ଏ.)

ଦିଗପହଣ୍ଡି ପୋଲିସ ପକ୍ଷରୁ ମଙ୍ଗଳବାର ରାତି ପ୍ରାୟ ସାଢ଼େ ୧୨ଟାରେ ସିଦ୍ଧେଶ୍ୱର ଗ୍ରାମରେ ଚାଲିଥିବା ଜୁଆଆଡ୍ଡାରେ ଚଢାଉ କରି ୫ ଜୁଆଡ଼ିଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୫,୧୦୦ ଟଙ୍କା ଓ ତାସମୁଠା ଜବତ କରାଯିବା ସହ ନଂ.୧୯୪/୧୮ରେ ମାମଲା ରୁଜୁ କରାଯାଇଛି। ସେହିପରି କୋଟିନଡ଼ା ଗ୍ରାମରୁ ୪ ଜୁଆଡିଙ୍କୁ ଗିରଫ କରାଯାଇ ୪,୨୦୦ ଟଙ୍କା ଜବତ କରାଯିବା ସହ ନଂ.୧୯୫/୧୮ରେ ମାମଲା ରୁଜୁ କରାଯାଇଛି। ଦିଗପହଣ୍ଡି ଥାନା ଆଇଆଇସି ଦେବାଶିଷ ମହାନ୍ତି, ଏସଆଇ ଡ଼ମ୍ବରୁଧର ପ୍ରଧାନ, ଏଏସଆଇ ସୀମାଞ୍ଚଳ ମିଶ୍ର ପ୍ରମୁଖ ପୋଲିସ କର୍ମଚାରୀମାନେ ଏହି ଚଢ଼ାଉ ଧରପଗଡ଼ରେ ସାମିଲ ଥିଲେ। ପୋଲିସ କାଣ୍ଡେଶ୍ୱର ଗ୍ରାମ ଜୁଆଆଡ୍ଡା ସମେତ ଦିଗପହଣ୍ଡି ବସଷ୍ଟାଣ୍ଡ ନିକଟରେ ଜୁଆ ଖେଳୁଥିବା ୮ ଜଣଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ୧୬,୯୦୦ ଟଙ୍କା ଓ ତାସମୁଠା ଜବତ କରିଥିବା ଜଣାପଡ଼ିଛି। କେ.ନୂଆଗାଁ ପୋଲିସ ମଙ୍ଗଳବାର ରାତି ପ୍ରାୟ ସାଢ଼େ ୧୧ଟାରେ ଡ଼ଭାର ଗ୍ରାମରେ ଜୁଆ ଖେଳୁଥିବା ୪ ଜୁଆଡ଼ିଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୧୯,୧୦୦ ଟଙ୍କା ଜବତ କରାଯିବା ସହ ଥାନା ମାମଲା ନଂ ୧୪୦/୧୮ ଅନୁଯାୟୀ ମକଦ୍ଦମା ରୁଜୁ କରାଯାଇଥିବା ଆଇଆଇସି ସୁଜିତ କୁମାର ନାୟକ ଜଣାଇଛନ୍ତି।

# କଳାକାରମାନଙ୍କୁ ପାରିଶ୍ରମିକ ମିଳିନି

ବୁଗୁଡ଼ା,୨୪।୧୦(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ କଳା ସଂସ୍କୃତି ସଂଘ (ବିକାଶ)ର କଳାକାରମାନଙ୍କୁ ପାରିଶ୍ରମିକ ମିଳିନଥିବା ଅଭିଯୋଗ ହୋଇଛି। ସରକାରଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ମମତା, ନିର୍ମାଣ ଶ୍ରମିକ, ବିଜୁ ଗ୍ରାମୀଣ ଯୋଜନା, ପରିମଳ ଆଦି ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଏହି ସଂଘ କଳାକାରମାନେ ବୁଗୁଡ଼ା ବ୍ଲକରେ ଅକ୍ଟୋବର ୫ ରୁ ୯ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଗ୍ରାମ ବୁଲି ସଚେତନ କରାଇଥିଲେ। କଳାକାରମାନେ ନିଜ ନିଜ ହାତରୁ ଅର୍ଥ ଖର୍ଚ୍ଚ କରି ଜନ ସଚେତନତା କରିଥିବା ବେଳେ ଏଯାଏ ସେମାନଙ୍କ ପାରିଶ୍ରମିକ ବାବଦକୁ ଜିଲା ସଂସ୍କୃତି ବିଭାଗ ତରଫରୁ କିଛି ଅନୁଦାନ ଆସିନାହିଁ । ତେଣୁ ଏଥିରେ ନିୟୋଜିତ ଲୋକନୃତ୍ୟ କଳାକାରମାନଙ୍କୁ ସେମାନଙ୍କର ପ୍ରାପ୍ୟ ଦେବାକୁ ସଂଘ ସଭାପତି ଜଟେଶ୍ୱର ବିଷୋୟୀ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକଙ୍କୁ ପଚାରିବାରେ ସେ ଏନେଇ ଜିଲା ସଂସ୍କୃତି ଅଧିକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରିଥିଲେ ଏବଂ ତୁରନ୍ତ ସେମାନଙ୍କର ପ୍ରାପ୍ୟ ପ୍ରଦାନ ପାଇଁ ପଦକ୍ଷେପ ନିଆଯାଉଛି ବୋଲି କହିଥିଲେ।

# ଜିଲାପାଳଙ୍କ ଶେରଗଡ ବ୍ଲକ ପରିଦର୍ଶନ


ଜିଲାପାଳ ସମୀକ୍ଷା କରୁଛନ୍ତି।

ଶେରଗଡ,୨୪।୧୦(ଡି.ଏନ.ଏ)

ଗଞ୍ଜାମ ଜିଲାପାଳ ବିଜୟ ଅମୃତ କୁଲାଙ୍ଗେ ବୁଧବାର ସନ୍ଧ୍ୟାରେ ଶେରଗଡ ବ୍ଲକ ପରିଦର୍ଶନରେ ଆସି ୨୨ ପଞ୍ଚାୟତର ବିଭିନ୍ନ ଗ୍ରାମର ସ୍ଥିତି ପଚାରି ବୁଝିଥିଲେ। ତିତ୍‌ଲି ବାତ୍ୟା ବନ୍ୟା ପରେ ସମସ୍ତ ଗ୍ରାମର ରାସ୍ତା କିପରି ଅଛି ତାର ଏକ ରିପୋର୍ଟ, ୯୫ ଟି ଗ୍ରାମର ଫସଲର ସ୍ଥିତି , ପନିପରିବା, ଅନ୍ୟାନ୍ୟ ଚାଷ ସମ୍ପର୍କରେ ବିଡିଓ ସୁରଞ୍ଜନ କୁମାର ସାହୁଙ୍କୁ ପଚାରି ବୁଝିଥିଲେ। ସମସ୍ତ ଗ୍ରାମର ଫସଲ ଉଜୁଡି ଯାଇଥିବା ବେଳେ ସମସ୍ତ ଚାଷୀଙ୍କୁ ରବି ଫସଲ ବିହନ ଓ ସାର ଯୋଗାଇଦିଆଯିବ ବୋଲି ଜିଲାପାଳ କହିଥିଲେ। ନନ୍ଦିନି ନଦୀକୁ ଗଭୀର କରାଯାଇ ଶେରଗଡର ଉପୁଜିଥିବା ବନ୍ୟା ପରିସ୍ଥିତିକୁ ନିୟନ୍ତ୍ରଣ କରାଯିବାକୁ ଅବଗତ କରାଯାଇଥିଲା। ଜଳସେଚନ ବିଭାଗର ଅଧିକାରୀଙ୍କ ସହିତ ଯୋଗସୂତ୍ର ରକ୍ଷା କରି ଏ ଦିଗରେ କାମ କରିବାକୁ ବିଡିଓଙ୍କୁ ଜିଲାପାଳ କହିଥିଲେ। ରିଲିଫ ସହାୟତା ଯୋଗାଇବା କ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।






2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ